

## ୯ମ ବର୍ଷ ● ୩ୟ ସଂଖ୍ୟା ● ନଭେମ୍ବର ୨୦୧୯

**ତୁମ ମତ:** ପୂଜା ପାର୍ବଣରେ ଆଧୁନିକ ନାଚଗୀତ ଦ୍ୱାରା ପୂଜାର ମହତ୍ତ୍ୱ କମିଯାଉଛି କି ?
**ଓଡ଼ିଆ ଭାଗବତ କଥା:** ଈଶ୍ୱରଭକ୍ତିର ମାହାତ୍ମ୍ୟ
**ଆମ ପର୍ବପର୍ବାଣି:** ପ୍ରଥମାଷ୍ଟମୀ
**ସ୍ମରଣୀୟ ରାଜନେତା:** ଇନ୍ଦିରା ଗାନ୍ଧୀ
**ଗପ:** ରାଜକୁମାରୀ ଓ ଯାଦୁକର, ରାଗୀ ଚଢ଼େଇ ଚେତିଲା,...।
**କବିତା:** ଯବାନ ଭାଇଙ୍କୁ କୋଟି ପ୍ରଣାମ, ଚାଚା ନେହେରୁ, କହିଲ ଦେଖି କିଏ,...।
**ଏଥିସହିତ କୁନିକୁନାଙ୍କ ପାଠଶାଳା, କବିତା ଧନ୍ଦା, ଖବର ଓ ଆହୁରି ଅନେକ ବିଭାଗ।**

### ତୁମ ମତ:
ପୂଜା ପାର୍ବଣରେ ଆଧୁନିକ ନାଚଗୀତ ଦ୍ୱାରା ପୂଜାର ମହତ୍ତ୍ୱ କମିଯାଉଛି କି ? ଏହି ବିଷୟରେ ନିଜନିଜର ମତ ରଖିଛନ୍ତି ଆମ କୁନାକୁନିମାନେ।

### ଓଡ଼ିଆ ଭାଗବତ କଥା: ଈଶ୍ୱରଭକ୍ତିର ମାହାତ୍ମ୍ୟ
### ଲେଖିକା: ଡ. ଇତି ସାମନ୍ତ
ଘରେ ଘରେ ପରିଚିତ ମହାପୁରୁଷ ଅତିବଡ଼ି ଜଗନ୍ନାଥ ଦାସଙ୍କ ପ୍ରସିଦ୍ଧ ଓଡ଼ିଆ ଭାଗବତର କଥାକୁ ଅତି ସହଜ ସରଳ ଭାବେ ପିଲାମାନେ ବୁଝିପାରିଲା ଭଳି ଲେଖିଛନ୍ତି ସମ୍ପାଦିକା ଡ. ଇତି ସାମନ୍ତ। ଏହି ଭାଗରେ ଭାଗବତର ପ୍ରଥମ ସ୍କନ୍ଦର ଦ୍ୱିତୀୟ ଅଧ୍ୟାୟ ବର୍ଣ୍ଣନା କରାଯାଇଛି। ଏହା ଗତ ମାସଠାରୁ ଧାରାବାହିକ ଭାବେ ପ୍ରକାଶ କରାଯାଉଛି।

### ସ୍ମରଣୀୟ ସ୍ରଷ୍ଟା ଓ ତାଙ୍କର ସୃଷ୍ଟି
ଏହି ସ୍ତମ୍ଭରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଅନନ୍ତ ପଟ୍ଟନାୟକଙ୍କ ସଂପର୍କରେ ପରିଚୟ ସହିତ ତାଙ୍କର କବିତା 'ତୁମେ ତ ଲୋକରେ ସାର' ସ୍ଥାନିତ ହୋଇଛି।

### ଆମ ପର୍ବପର୍ବାଣି: ପ୍ରଥମାଷ୍ଟମୀ
### ଲେଖକ: ଅନନ୍ତ ପ୍ରଧାନ
ଓଡ଼ିଶାର ପ୍ରସିଦ୍ଧ ପ୍ରଥମାଷ୍ଟମୀ ବା ପୋଡୁଆଁ ପର୍ବକୁ ନେଇ ଏକ ସୁନ୍ଦର ଉପସ୍ଥାପନା। ଏଥିରେ ପର୍ବର ମହତ୍ତ୍ୱ ଓ ପରମ୍ପରା ଭଳି ବିଭିନ୍ନ ପ୍ରସଙ୍ଗ ଆଲୋଚନା କରାଯାଇଛି।

### ସ୍ମରଣୀୟ ରାଜନେତା: ଇନ୍ଦିରା ଗାନ୍ଧୀ
### ଲେଖକ: ଅମିତାଭ ଖିଲାର
ସ୍ୱାଧୀନ ଭାରତର ଏକମାତ୍ର ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ବିଷୟରେ ପିଲାମାନେ ଜାଣିବା ଭଳି ଶିକ୍ଷଣୀୟ ଲେଖାଟିଏ।

### ତୁମ ଲେଖନୀରୁ: ମୁଁ ଓଡ଼ିଆ
### ଲେଖିକା: ସାଇ ଦେବସ୍ମିତା ଗୋଚ୍ଛାୟତ
ଓଡ଼ିଶାର ବିଭିନ୍ନ ବୈଭବକୁ ନେଇ ଆମେ ଗର୍ବ କରୁଥିବା କଥାକୁ କବିତାରେ ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି ଆମ କୁନି ଲେଖିକା।

### ଗପ: ରାଜକୁମାରୀ ଓ ଯାଦୁକର
### ଲେଖକ: ରତ୍ନାକର ମଲ୍ଲିକ
ଗପଟି ଗୋଟିଏ ଯାଦୁକର ଓ ଜଣେ ରାଜକୁମାରୀକୁ ନେଇ। ଯାହା କି ପିଲାମାନଙ୍କୁ ବହୁତ ମଜା ଲାଗିବ। ଯାଦୁକର ପ୍ରଜାପତି ରୂପ ଧରି ରାଜକୁମାରୀକୁ ଅପହରଣ କରିନେଉଛି ଓ ଦୁଇଟି ପେଚାଙ୍କ ସହାୟତାରେ ରାଜକୁମାରୀ ମୁକ୍ତ ହୋଇଛନ୍ତି। ଦ୍ୱିତୀୟଥର ଯାଦୁକର ରାଜକୁମାରୀକୁ ଅପହରଣ କରି ନେଇଯିବା ପରେ ସେମାନଙ୍କର ଆଉ କୌଣସି ସନ୍ଧାନ ମିଳିପାରିନି।

### ଗପ: ରାଗୀ ଚଢ଼େଇ ଚେତିଲା
### ଲେଖକ: ନଗେନ୍ଦ୍ର ନାଥ ପଟ୍ଟନାୟକ
ସବୁବେଳେ ସମସ୍ତଙ୍କୁ ରାଗୁଥିବା ଓ ଝଗଡ଼ା କରୁଥିବା ଗୋଟିଏ ରାଗୀ ଚଢ଼େଇ ଶେଷରେ କିପରି ସୁଧୁରି ଯାଇଛି ତାହା ହିଁ ଗପର ସାରମର୍ମ।

**ଗପ: ପ୍ରକୃତିର ମିତ୍ର ସାଜିବୁ**
**ଲେଖକ: କାଳିକିଙ୍କର**
କଳକାରଖାନା ତିଆରି ତଥା ନୂଆ ସହର ନିର୍ମାଣ କରି ନିଜର ବିନାଶକୁ ମଣିଷ କିପରି ନିମନ୍ତ୍ରଣ କରୁଛି, ତାହା କୁହାଯାଇଛି ଗପଟିରେ।

**ଗପ: ଭାରତୀୟ ଯୋଗୀର କରାମତି**
**ଲେଖକ: ଲାବଣ୍ୟଚନ୍ଦ୍ର ସାହୁ**
ପ୍ରସିଦ୍ଧ ଭାରତୀୟ ଯୋଗୀ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ବିଷୟରେ ପିଲାମାନଙ୍କ ଜାଣିବା ଭଳି ଶିକ୍ଷଣୀୟ ଗପଟିଏ।

**କବିତା: ଯବାନ ଭାଇଙ୍କୁ କୋଟି ପ୍ରଣାମ**
**ଲେଖକ: ବାଇଧର ନାୟକ**
କବିତାଟି ଭାରତୀୟ ଯବାନମାନଙ୍କ ଗର୍ବ ଓ ଗୌରବକୁ ନେଇ ରଚନା ହୋଇଛି।

**କବିତା: ଚାଚା ନେହେରୁ**
**ଲେଖିକା: ରତ୍ନପ୍ରଭା ବାଇ**
ଜବାହରଲାଲ୍ ନେହେରୁଙ୍କର ସତ୍ୟାଗ୍ରହ ଓ ଅହିଂସା ଆନ୍ଦୋଳନ ତଥା ଦେଶ ପାଇଁ ତାଙ୍କର ସେବା ଓ ତ୍ୟାଗ ନିମନ୍ତେ ତାଙ୍କୁ ଶ୍ରଦ୍ଧା ସୁମନ ଜଣାଇବା ଏବଂ ଦେଶର ସମ୍ମାନ ଓ ସୁରକ୍ଷା ପାଇଁ ଶିଶୁ ଦିବସରେ ଶପଥ ନେବା ପାଇଁ କୁହାଯାଇଛି କବିତାଟିରେ।

**କବିତା: ଚାଲ ବୁଲିଯିବା ବହିମେଳା**
**ଲେଖକ: ଧନଞ୍ଜୟ ସ୍ୱାଇଁ**
ପୁସ୍ତକ ମେଳା ଓ ଏହାର ଉପାଦେୟତା ସମ୍ପର୍କରେ ଏକ ସୁନ୍ଦର ବର୍ଣ୍ଣନା ରହଛି ଏ କବିତାଟିରେ।

**କବିତା: ଶୀତ ଆସେ ଥରିଥରି**
**ଲେଖକ: ପ୍ରଶାନ୍ତ କୁମାର ଦାଶ**
କବିତାଟିରେ ଶୀତ ଋତୁର ସୁନ୍ଦର ପ୍ରାକୃତିକ ବର୍ଣ୍ଣନା କରାଯାଇଛି।

**କବିତା: କହିଲ ଦେଖି କିଏ !**
**ଲେଖିକା: ସୁସ୍ମିତା ମହାପାତ୍ର**
'ସମୟ'ର ଉପଯୋଗିତାକୁ ନେଇ କବିତାଟି ରଚନା କରାଯାଇଛି।

**ଏସବୁ ବ୍ୟତୀତ ନିୟମିତ ବିଭାଗ ସ୍ଥାନିତ ହୋଇଛି :**
**ରାଜ୍ୟ ଖବର:**
ଓଡ଼ିଶାର ୩ ଝିଅ ମୁକୁଟ ବିଜେତା, ବିଜୟୀ ହେଲେ ୩ ଓଡ଼ିଆ କୁନି ମଡେଲ ଓ ପଦ୍ମଶ୍ରୀ ସମ୍ମାନିତ ବ୍ୟକ୍ତିଙ୍କୁ ମାସିକ ୧୦ ହଜାର ଟଙ୍କା।
**ତୁମ ପାଇଁ ଖବର:**
ନୋବେଲ ପୁରସ୍କାର, କଙ୍କଡ଼ା ଫେସନ ସୋ, ଗୋଟେ ଚିଙ୍ଗୁଡ଼ି ରଙ୍ଗ ଦୁଇଟି ଓ ପକ୍ଷୀଙ୍କ ପାଇଁ ଫ୍ଲାଟ୍।
**ଚଳଚ୍ଚିତ୍ର ଖବର:**
ତୁ ମୋ ନିହାତି ଦରକାର, ମିଷ୍ଟର ଅନାଡ଼ି, ଦିଲ୍ ମୋର ମାନେନା, ତଲୈଭି, ଗୁଡ୍ ନିୟୁଜ ଓ ଭୁଜ: ଦି ପ୍ରାଇଡ୍ ଅଫ୍ ଇଣ୍ଡିଆ।
**ଖେଳ ଖବର:**
ଜାତୀୟ ଭାରୋତ୍ତୋଳନ, ଭାରତର ୮ ବର୍ଷୀୟ କର୍କଟ ପୀଡ଼ିତଙ୍କୁ ସ୍ୱର୍ଣ୍ଣ ଓ ଓଡ଼ିଶାରେ ଜାତୀୟ ବରିଷ୍ଠ ଭଲିବଲ୍ ପ୍ରତିଯୋଗିତା।
**ନିୟମିତ ବିଭାଗରେ ସ୍ଥାନିତ ହୋଇଛି ଯଥା :**
**କେଦାର ପୃଷ୍ଟିଙ୍କ ପ୍ରସ୍ତୁତି 'କୁନିକୁନାଙ୍କ ପାଠାଶାଳା-୬୮', ଅନନ୍ତ ପ୍ରଧାନଙ୍କ ରଚିତ 'କବିତା-ଧନ୍ଦା' ଓ ଅନ୍ୟାନ୍ୟ ଅନେକ ବିଭାଗ, ଯଥା: ଚିହ୍ନିଲ କିଏ ? କିଏ ଅଲଗା ?, ବାଟ ବତାଅ, ଜାଣିଛ କି ?, ପାର୍ଥକ୍ୟ ଖୋଜ, ଶବ୍ଦ-ଧନ୍ଦା, ତୁମ ତୂଳୀରୁ ଓ ରଙ୍ଗଦିଅ ଇତ୍ୟାଦି।**

■■■